# ତହସିଲଦାରଙ୍କ କାର୍ଯ୍ୟାଳୟ, ରେଢାଖୋଲ

## ଦୀର୍ଘ ମିଆଦି ସୈରାତ ଲିଜ୍ ନିଲାମ୍ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 329 ତାରିଖ 20.01.21

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ଓଡିଶା ଲଘୁ ଖଣିଜ ରିହାତି ନିୟମ(OMCC Rules-2016) ଅନୁଯାୟୀ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ରେଢାଖୋଲ ତହସିଲ ଅନ୍ତର୍ଗତ ନିମ୍ନଲିଖିତ 10 ଗୋଟି ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ (OMCC Rules-2016) ଦ୍ୱାରା ପ୍ରଣୀତ Form-M ପୂରଣ କରି 3 କପି ସହ ନିମ୍ନଲିଖିତ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ କେବଳ ରେଜିଷ୍ଟ୍ରି ଡାକ ( Regd Post/ Speed Post) ଜରିଆରେ ତହସିଲଦାର, ରେଢାଖୋଲଙ୍କ କାର୍ଯ୍ୟାଳୟର ଠିକଣାରେ ଆସନ୍ତା ତା. 22.01.2021 ଠାରୁ ତା . 08.02.2021 ଅପରାହ୍ନ ଘ. 5.30 ପର୍ଯ୍ୟନ୍ତ ଦାଖଲ କରିବେ । ଧାର୍ଯ୍ୟ ସମୟ ଓ ତାରିଖ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହଁ। ଲଫାପାରେ ସୈରାତ ଉତ୍ସର ନାମ ଲେଖିବା ଆବଶ୍ୟକ । ତା 09.02.2021 ରିଖ ଘ 11.00 ସମୟରେ ଲିଜ ଦରଖାସ୍ତକାରୀ/ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରାଯିବ । ଯେଉଁ ସୈରାତ ଉତ୍ସ ଗୁଡିକ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବା କିମ୍ବା ଅନ୍ୟ କୌଣସି କାରଣରୁ ଲିଜ ଚୁଡାନ୍ତ ହୋଇ ନପାରିଲେ ସେହି ଉତ୍ସ ଗୁଡିକୁ ପରବର୍ତ୍ତୀ ନିଲାମ ଯଥାକ୍ରମେ ତା 18.02.2021 ରିଖ ଓ ତା 25.02.2021 ରିଖ ଦିବା 11.00 ଘଟିକା ସମୟରେ ଅନୁଷ୍ଠିତ ହେବ ।ଉପୋରକ୍ତ ତାରିଖ ମାନଙ୍କ ପାଇଁ ଆବେଦନ ଯଥାକ୍ରମେ ତା 17.02.2021 ଓ ତା 24.02.2021 ଅପରାହ୍ନ ଘ. 5.30 ପର୍ଯ୍ୟନ୍ତ ରେଜେଷ୍ଟ୍ରୀ ଡାକ ମାଧ୍ୟମରେ ଗ୍ରହଣୀୟ ହେବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ତହସିଲଦାର, ରେଢାଖୋଲଙ୍କ ରହିଅଛି ।

ଦରଖାସ୍ତ ସହ ଦାଖଲ କରିବାକୁଥିବା ଦସ୍ତାବିଜ-

1. ଦରଖାସ୍ତ ପାଉଣା ବାବଦ ଟ.1000.00 ଙ୍କାର ଟ୍ରେଜେରୀ ଚାଲାଣ (ଅଣ-ଫେରସ୍ତ) ରାଶୀର ଟ୍ରେଜେରୀ ଚାଲାଣ ଦାଖଲ କରିବେ । [ Demand No. "0853-Non-Ferrous Mining & Metallurgical industries 102-Mineral Concession, Fees, Rents & Royalties 0217-Receipt under Orissa Minor Minerals Concession Fees (New) 02021-Collection of Fees, Rents & Royalties (New)".

2. ପ୍ରସ୍ତାବିତ ସୈରାତ ଉତ୍ସର ତଫସିଲ ସହ ଚୌହାଦୀର ସମ୍ପୂର୍ଣ୍ଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳକରି ସଲଗ୍ନ କରିବେ ।

3. ଅନ୍ୟୁନ୍ୟ 18 ମାସ ପର୍ଯ୍ୟନ୍ତ କାୟମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି / ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟର [MGQ X (Royalty+Additional Charges)] ଠାରୁ ଅଧିକ ହୋଇଥିବ ।

4. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା- ବୈଷୟିକ ଜ୍ଞାନ, ଦକ୍ଷତା ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ସମ୍ପର୍କୀୟ ତଥ୍ୟ ।

5. ଦରଖାସ୍ତକାରୀ ନିଜ ସପକ୍ଷରେ କୌଣସି ରାଜସ୍ୱ ବକେୟା ପାଉଣା ନଥିବାର ଶପଥ ପାଠ ଦାଖଲ କରିବେ ।

6. ଦରଖାସ୍ତ ସହିତ ଅମାନତ ରାଶି ବାବଦକୁ ଉକ୍ତ ସୈରାତ ଉତ୍ସର ମୋଟ ବାର୍ଷିକ ଦେୟର 5% ବ୍ୟାଙ୍କଡ୍ରାଫ୍ଟ (State Bank of India) ମାଧ୍ୟମରେ ତହସିଲଦାର, ରେଢାଖୋଲଙ୍କ ନାମରେ (Payable at Rairakhol) ପ୍ରଦାନ କରିବେ । {EMD i.e. 5% of MGQ X (Royalty+ Additional Charges)}.

Rubi

7. ଆୟକର ସମ୍ପର୍କୀତ ନିକାସୀ ପ୍ରମାଣପତ୍ର (I.T. Return Clearance Certificate) ର ନକଲ ଦାଖଲ କରିବେ ।

8. ଦରଖାସ୍ତକାରୀ ଆଧାର ପ୍ରମାଣପତ୍ର, PAN CARD ର ଅବିକଳ ନକଲ ଦାଖଲ କରିବେ ।

**ବିଶେଷ ସର୍ତ୍ତାବଳୀ-**

1. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ-2016 (OMCC Rules-2016) ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ ।

2. ପ୍ରଚଳିତ ନିୟମାବଳୀ ଅନୁଯାୟୀ Royaltyର ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ (ଜିଲ୍ଲାପାଳ, ସମ୍ବଲପୁରଙ୍କ ଦ୍ୱାରା ଅନୁମୋଦିତ ପରିମାଣଠାରୁ ଅଧିକ ହୋଇଥିବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଜଣେରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତା ହେଲେ ଲଟେରୀ ମାଧମରେ ଲିଜଧାରୀ ଚୟନ କରାଯିବ । ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ପରବର୍ତ୍ତୀ ସମୟରେ ଶୁଣାଯିବ ନାହିଁ ।.

3. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର 7 ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ତହସିଲଦାରଙ୍କ ନିକଟରେ ଦାଖଲ କରିବେ ।

4. . ଯଦି, ସର୍ବୋଚ୍ଚ ଅତିରିକ୍ତ ରୟାଲିଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହେଲେ ଦ୍ୱିତୀୟ ଓ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ବୟରେ ସୁଯୋଗ ଦିଆଯିବ।

5. ପ୍ରତି ଲିଜଧାରୀ ନିଜ ଖର୍ଚ୍ଚରେ Mining Plan and Environmental Clearance ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜପ୍ରଦାନକାରୀ (ତହସିଲଦାର) ସରକାରୀ ଦେୟରେ ଏହି ସବୁ ପ୍ରସ୍ତୁତ କରିଥିବେ ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ, ଲିଜରାଜିନାମ ଦାଖଲ ସମୟରେ ଅସୁଲ କରାଯିବ ।

6. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ରୟାଲିଟି ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

7. ନିଲାମଧାରୀ ମାନେ O.M.M.C. Rules 2016 ରେ ଥିବା ନିୟମ 27 ର 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ ।

8. ଦରଖାସ୍ତକାରୀ Mines & Minerals (Dev- & Regulation) Act-1957 ଏବଂ Explosive Act-1984 ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ହେବେ ।

9. ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

10. ଚୟନ ହୋଇଥିବା ଲିଜ ଧାରି ନିଜ ଖର୍ଚ୍ଚରୁ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସୀମାରେ ଖୁଣ୍ଟ ପୋତିବେ ଓ ସମ୍ମୁଖ ଭାଗରେ ପ୍ରତିଫଳକ ବୋର୍ଡ ତିଆରି କରି ସେଥିରେ ସୈରାତ ଉତ୍ସର ବିବରଣୀ (ଯଥା ଉତ୍ସର ନାମ , ଲିଜଧାରୀ ଙ୍କ ନାମ, ମଞ୍ଜୁର ହୋଇ ଥିବା ଆର୍ଥିକ ବର୍ଷ ଇତ୍ୟାଦି) ଉଲ୍ଲେଖ କରିବେ ।

11.ସର୍ବୋଚ ନିଲାମଧାରୀ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକ ମଞ୍ଜୁରୀ ( Consent to Operate and Consent to Establish) ଓଡିଶା ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ( Odisha Pollution Control Board) ଙ୍କ ଠାରୁ ନିଜ ଖର୍ଚ୍ଚ ରୁ ପ୍ରାପ୍ତ କରିବେ ।

Rubi

12.ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୁରଣ ପରେ କାର୍ଯ୍ୟାଦେଶ ଦିଆଯିବ । ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉଦ୍ଧିଷ୍ଟ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପଇଠ କରିବେ । ସମ୍ପୁର୍ଣ୍ଣ ପଇଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବେ ।

13. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁଖଣିଜ ଦ୍ରବ୍ୟର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୂତ ପରିମାଣର (Annual Minimum Guaranteed Quantity) ମୋଟ ରୟାଲିଟି/ଅତିରିକ୍ତ ରୟାଲିଟି/District Mineral Fund/ State Mineral Fund ବାବଦ ଦେୟର ମୋଟ ପରିମାଣର 25% ରୁ E.M.D ଦାଖଲ ହୋଇଥିବା ଅର୍ଥକୁ କାଟି ବାକି ଅର୍ଥ ସୁଧବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପୈଠ କରିବା ପାଇଁ ବାଧ୍ୟ । ଯଦି ଏହି ହିସାବ ହୋଇନପାରେ ତେବେ ଲିଜପ୍ରଦାନକାରୀ ଅଧିକାରୀ ଧାର୍ଯ୍ୟ କରିଥିବା ଅର୍ଥରାଶି ବିନା ସୁଧରେ ଦାଖଲ କରିବେ । ଏଥି ସହ ଲିଜପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଅନୁପାଳନ ସକାଶେ ଟ. 10,000 ଙ୍କା ଅମାନତ ରୁପେ ଜମାକରିବେ (ନିୟମ-42) ।

14. ଲିଜ ନିମନ୍ତେ ଚୟନ ହୋଇଥିବା ଆବେଦନକାରୀ ଚୟନ ପରେ ତିନି ସପ୍ତାହ ମଧ୍ୟରେ O.M.M.C. Rules 2016 ରେ ଥିବା ନିୟମ N Form ରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନି ମାସ ମଧ୍ୟରେ ଲିଜଧାରୀ ଅନୁମୋଦନ ପ୍ରାପ୍ତ Mining Plan and Environmental Clearance କାର୍ଯ୍ୟାଳୟରେ ଦାଖଲ କରିବେ, ନଚେତ ତାଙ୍କର ଲିଜ ଅନୁମୋଦନ ବ୍ୟାଜାପ୍ତି କରାଯିବ ଓ ଜମା କରିଥିବା ରାଶି ବ୍ୟାଜାପ୍ତି କରାଯାଇ ସରକାରଙ୍କ ପାଣ୍ଠିକୁ ଚାଲିଯିବ ।

15. ଲିଜଅବଧି ଶେଷ ପର୍ଯ୍ୟାୟପରେ ଲିଜଧାରୀ କୌଣସି ସର୍ତ୍ତାବଳୀ ଖିଲାପ କରିନଥିଲେ ଜମା ହୋଇଥିବା ଅମାନତ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶିକୁ ବ୍ୟାଜାପ୍ତି କରାଯିବ ।

16. ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ନଦର୍ଶାଇ, ଯେ କୌଣସି ସମୟରେ ଲିଜକୁ ନାକଚ କରିପାରିବେ ।

17. ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଓ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥରାଶି ଓ ଲିଜ ରାଜିନାମା ଲିଜଧାରୀଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧି ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ପରିଚାଳନା କରିପାରିବେ ।

18. ଚୟନ ହୋଇଥିବା ସମସ୍ତ ଲିଜଧାରୀ O.M.M.C. Rules 2016 (Amendment) ର ଧାରା 27,28,29,30,31,32 ଓ 33 ର ସମସ୍ତ ଉପଧାରା ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

19. ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜଧାରୀମାନେ ବର୍ଦ୍ଧିତଧାରାରେ ରୟାଲିଟି ପୈଠକରିବା ପାଇଁ ବାଧ୍ୟ ।

20. ଚୟନ ହୋଇଥିବା ଲିଜ ଧାରି ମାଇନଂ( Mining Plan ) ପ୍ଲାନ ରେ ଥିବା ସୁରକ୍ଷିତ ଅଞ୍ଚଳ ( Safety Zone) କୌଣସି ରେ ଖନନ ଖାର୍ଯ୍ୟ କରିବେ ନାହିଁ । ନଚେତ ଲିଜ ଧାରି ଆଇନ ଅନୁଯାୟୀ ଦଣ୍ଡିତ ହେବେ ।

21. ଲିଜ ଧାରି ପ୍ରତିବର୍ଷ ପ୍ରଚଳିତ ଆଇନ ଅନୁଯାୟୀ ସରକାରଙ୍କ ଦ୍ବାରା ଧାର୍ଯ୍ୟ Surface Rent , Royalty Amount ଓ ଅନ୍ୟାନ୍ୟ ଦେୟ ଅଗ୍ରୀମ ଆକାରରେ ପୈଠ କରିବେ ।

22. ଲିଜଧାରୀ ଜମା ରୟାଲିଟିର 2% ଅର୍ଥ ଆୟକର( Income Tax) ବାବଦକୁ, 10% District Mineral Fund (DMF) ଓ 5% ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ(EMF) ଜମାକରିବେ ।

Rubi

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯଦି ନିଲାମ ହୋଇନପାରେ ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରୁ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାରାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ, ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, ରେଢାଖୋଲଙ୍କ ରହିଅଛି । ନିଲାମ ସ୍ଥାନ, ଧାର୍ଯ୍ୟ ତାରିଖ, ସମୟ ଓ ଉତ୍ସ ନିମ୍ନରେ ପ୍ରଦାନ କରାଯାଇଅଛି ।

## ନିଲାମ ସ୍ଥାନ-ତହସିଲ କାର୍ଯ୍ୟାଳୟ, ରେଢାଖୋଲ

## ଧାର୍ଯ୍ୟ ତାରିଖ, ସମୟ- ତା. 09.02.2021ଦିବା ଘ. 11.00 ଟିକା

ରେଢାଖୋଲ ବାଲିଖାଦାନର ସମ୍ପୂର୍ଣ୍ଣ ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ ନଂ | କିସମ | ରକବା | ରୟାଲିଟି ଦେୟ ଘ.ମି ପ୍ରତି | ନିମ୍ନତମ ଅତିରିକ୍ତ ଦେୟ | ନିମ୍ନତମ ବାର୍ଷିକ ଉଠାଣ (ଘ.ମି ରେ) | ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ ଟଙ୍କାରେ | ସର୍ବନିମ୍ନ ବ୍ୟାଙ୍କ ଗ୍ୟାରେଣ୍ଟି ମୂଲ୍ୟ / Solvency ଟଙ୍କାରେ |
|---|---|---|---|---|---|---|---|---|---|---|---|
| 1 | ହରିହର ଯୋର ବାଲି ଖାଦାନ, ବଡମାଳ | ବଡମାଳ | 176 | 283 | ନଦୀ | 35.80 | 35/- | 30/- | 13865 | 45,062/- | 9,01,225/- |
| 2 | କେରାଣ୍ଡି ଯୋର ଯୋର ବାଲି ଖାଦାନ, ରାମପୁର | ରାମପୁର | 904 | 3433<br>3475/3675 | ଯୋର<br>ଯୋର | 7.65<br>4.85 | 35/- | 30/- | 1776 | 5,772/- | 1,15,440/- |
| 3 | ଶୁଖା ଯୋର ବାଲି ଖାଦାନ, ତାରମାଳ | ତାରମାଳ | 154 | 1646 | ଯୋର | 5.50 | 35/- | 30/- | 1613 | 5,243/- | 1,04,845/- |
| 4 | ସୁରୁବାଲି ଯୋର (ଖ) ବାଲି ଖାଦାନ, ଚୁଡାପୁତୁଳ | ଚୁଡାପୁତୁଳ | 82 | 1308 | ଯୋର | 15.48 | 35/- | 30/- | 6904 | 22,438/- | 4,48,760/- |
| 5 | ସୁରୁବାଲି ଯୋର (ଗ), ବଉଁଶାବାଲ | ବଉଁଶାବାଲ | 109 | 414/2455 | ଯୋର | 12.50 | 35/- | 30/- | 6063 | 19,705/- | 3,94,095/- |
| 6 | କଳିନ୍ଦର ବାଲି ଖାଦାନ, କଳିନ୍ଦର | କଳିନ୍ଦର | 71 | 41 | ଯୋର | 23.57 | 35/- | 30/- | 3515 | 11,424/- | 2,28,475/- |
| 7 | ହରିହର ଯୋର ବାଲି ଖାଦାନ-2, ବଡମାଳ | ବଡମାଳ | 176 | 284<br>575<br>643<br>644 | ଯୋର | 2.21<br>6.52<br>22.55<br>9.66 | 35/- | 30/- | 6103 | 19,835/- | 3,96,695/- |
| 8 | ତେନ୍ତୁଳାଖୋଳ ବାଲି ଖାଦାନ, ତେନ୍ତୁଳାଖୋଳ | ଅରଖକୁଦ | 42 | 187 | ଯୋର | 6.23 | 35/- | 30/- | 3155 | 10,254/- | 2,05,075/- |
| | | ତେନ୍ତୁଳାଖୋଳ | 18 | 453 | ଯୋର | 11.58 | | | | | |
| 9 | ହଳଦୀଘାଟ ବାଲି ଖାଦାନ, ରାମପୁର | ରାମପୁର | 904 | 3578<br>3574 | ଯୋର | 11.80<br>7.80 | 35/- | 30/- | 3255 | 10,579/- | 2,11,575/- |
| | | ଦଲଖମଣ | 18 | 60 | ଯୋର | 6.30 | | | | | |
| 10 | ଗମ୍ଭାରୀବେଣ୍ଟୀ ବାଲି ଖାଦାନ, ଗମ୍ଭାରୀବେଣ୍ଟୀ | ଗମ୍ଭାରୀବେଣ୍ଟୀ | 22 | 518<br>519 | ଯୋର | 13.00<br>9.05 | 35/- | 30/- | 4119 | 13,387/- | 2,67,735/- |

ତହସିଲଦାର, ରେଢାଖୋଲ

ଜ୍ଞାପକ ସଂଖ୍ୟା 330 ତାରିଖ 20-01-21

ଏହି ବିଜ୍ଞାପନର ଏକକିତା ନକଲ ଜିଲ୍ଲାପାଳ, ସମ୍ବଲପୁର/ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସମ୍ବଲପୁର/ ଉପ-ଜିଲ୍ଲାପାଳ, ରେଢାଖୋଲ/ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ରେଢାଖୋଲ /ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରେଢାଖୋଲ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାକଟିଦେଉଳ /ତହସିଲଦାର ନାକଟିଦେଉଳ / ରେଢାଖୋଲ ତହସିଲ ଅଧିନସ୍ଥ ସମସ୍ତ ସରପଞ୍ଚ/ ରେଢାଖୋଲ ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶିତ କରିବା ନିମନ୍ତେ ପ୍ରେରଣ କରାଗଲା । ଏକକିତା ନକଲ ଏହି କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ରୁଚି ବେହେରା
୨୦.୦୧.୨୧
ତହସିଲଦାର, ରେଢାଖୋଲ

ଜ୍ଞାପକ ସଂଖ୍ୟା 331 ତାରିଖ 20.01.21

ଏହି ବିଜ୍ଞାପନର ଏକକିତା ନକଲ ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରିୟ ସୂଚନା କେନ୍ଦ୍ର, ସମ୍ବଲପୁରଙ୍କ ନିକଟକୁ ଜିଲ୍ଲା ୱେବସାଇଟ **www.sambalpur.nic.in** ଜରିଆରେ ବହୁଳ ପ୍ରସାରିତ କରିବା ସକାଶେ ପ୍ରେରଣ କରାଗଲା ।

ରୁଚି ବେହେରା
୨୦.୦୧.୨୧
ତହସିଲଦାର, ରେଢାଖୋଲ